# Akashvani, Sambalpur

## SAMBALPURI NEWS EVENING BULLETIN

## 17 January 2025- 7.02 pm- 7.12 pm.

*********************************************

୧- ଜାତୀୟ କ୍ରୀଡ଼ା ପୁରସ୍କାର୍-୨୦୨୪ ପ୍ରଦାନ୍ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ଓଡ଼ିଶା ଆଉ ସିଙ୍ଗାପୁର୍ ଭିତ୍‌ରେ ସ୍ୱାକ୍ଷରିତ୍ ହେଲା ୮ ଟା ଚୁକ୍ତି ।

- ୨ ଦିନିଆ ଓଡ଼ିଶା ଗସ୍ତଥି ସିଙ୍ଗାପୁର୍ ରାଷ୍ଟ୍ରପତି ।

୩- ସ୍କିମାଟିକ୍ କନିଷ୍ଠ ଶିକ୍ଷକ୍‌ଙ୍କର୍ ଦର୍‌ମା ବଢ଼ାଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ଭୁବ୍‌ନେଶ୍ୱର୍ ଠାନେ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

## ଜାତୀୟ କ୍ରୀଡ଼ା ପୁରସ୍କାର ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଜାତୀୟ କ୍ରୀଡ଼ା ପୁରସ୍କାର୍-୨୦୨୪ ପ୍ରଦାନ୍ କରିଛନ୍ । ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ଗୁଟେ ଖାସ୍ ସମାରୋହଥି ରାଷ୍ଟ୍ରପତି ବିଶ୍ୱ ଚେସ୍ ଚମ୍ପିଅନ୍ ଡି. ଗୁକେସ୍, ପେରିସ୍ ଅଲମ୍ପିକ୍ ନ ୨ ଟା ପଦକ୍ ପାଇଥିବା ମନୁ ଭାକର୍, ପୁରୁଷ ହକି ଦଲର୍ କେପ୍‌ଟେନ୍ ହନ୍‌ମନ୍‌ପ୍ରିତ୍ ସିଂ ଆର୍ ପେରିସ୍ ଅଲମ୍ପିକ୍ ନ ସ୍ୱର୍ଣ୍ଣପଦକ୍ ବିଜେତା ପ୍ରବୀଣ୍ କୁମାର୍‌ଙ୍କୁ ମର୍ଯ୍ୟାଦାଜନକ୍ ମେଜର୍ ଧ୍ୟାନ୍‌ଚାନ୍ଦ୍ ଖେଲ୍‌ରତ୍ନ ପୁରସ୍କାର୍ ଦେଇଛନ୍ ।

ସେନ୍ତା ପାରା ସୁଟିଂ କୋଚ୍ ସୁବାସ ରାଣା, ସୁଟିଂ କୋଚ୍ ଦୀପାଲୀ ଦେଶ୍‌ପାଣ୍ଡେ, ହକି କୋଚ୍ ସନ୍ଦିପ୍ ସାଙ୍ଗୱାନ୍, ବେଡ଼ମିଂଟନ୍ କୋଚ୍ ଏସ୍. ମୁରଲୀଧରନ୍ ଆର୍ ଫୁଟ୍‌ବଲ୍ କୋଚ୍ ଅର୍‌ମାଣ୍ଡୋ ଆଞ୍ଜେଲୋ କୋଲାକୋ ଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର୍ ଦିଆଯାଇଛେ । ଇତାର୍‌ଛଡ଼ା ୩୨ ଝନ୍‌କୁ ଅର୍ଜୁନ୍ ପୁରସ୍କାର୍ ଦିଆଯାଇଛେ । ଖେଲୋ ଇଣ୍ଡିଆ ୟୁନିଭର୍‌ସିଟି ଗେମ୍ ଲାଗି ଚଣ୍ଡିଗଡ଼୍ ବିଶ୍ୱବିଦ୍ୟାଳୟକେ ମୌଲାନା ଅବୁଲ୍ କାଲାମ୍ ଆଜାଦ୍ ଟ୍ରଫି ଦିଆଯାଇଛେ ।

## ପ୍ରଧାନ୍‌ମନ୍ତ୍ରୀ- ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ଏନ୍‌ଏସ୍‌ଡି

ମେକ୍ ଇନ୍ ଇଣ୍ଡିଆ ଦେଶର୍ ଅଟୋ ମୋବାଇଲ୍ ଶିଳ୍ପର୍ ଅଭିବୃଦ୍ଧିର ଇନ୍ଧନ୍ ସାଜିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଆଏଜ୍ 'ଭାରତ୍ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ-୨୦୨୫' କେ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ମୋବିଲିଟି ଦିଗେ ବିକଶିତ୍ ଭାରତ୍‌ର ଯାତ୍ରା ବହୁତ୍ ବଡ଼ ପରିବର୍ତନ୍ ଆର୍ ଅଭିବୃଦ୍ଧି ଆନ୍‌ବାର୍‌କେ ଯାଉଛେ । ଇ ଦିଗେ ଭବିଷ୍ୟତ୍ ବନାବାର୍‌କେ ଚାହୁଁଥିବା ସବୁ ପୁଞ୍ଜିନିବେଶ୍‌କାରୀ-ମାନ୍‌କର୍ ଲାଗି ଭାରତ୍ ଇହାଦେ ଗୁଟେ ଭଲ୍ ଜାଗା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

୫ ଦିନିଆ ଇ କାର୍ଯ୍ୟକ୍ରମ୍ ଇ ବଛର୍ ଦିଲ୍ଲୀ ଏନ୍‌ସିଆର୍‌ର ୩ ଟା ଜାଗା ନ ଚାଲିଛେ ଆର୍ ୮ ଶହ ଟା ଷ୍ଟଲ୍ ଖୁଲାଯାଇଛେ ।

ସ୍ୱାମୀତ୍ୱ କାର୍ଡ଼ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ୧୦ ଟା ରାଜ୍ୟ ଆଉ ୨ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ୫୦ ହଜାର୍ ଗାଁର୍ ୬୫ ଲାଖ୍ ଲୁକ୍‌କୁ ସ୍ୱାମୀତ୍ୱ କାର୍ଡ଼ ଦେବେ । ପ୍ରଧାନ୍‌ମନ୍ତ୍ରୀ ଆଘୋନୁ ଗାଁର୍ ଲୋକ୍‌ମାନ୍‌କର୍ ଅର୍ଥନୈତିକ୍ ବିକାଶ୍ ଲାଗି

ସ୍ୱାମୀତ୍ୱ ଯୋଜ୍‌ନାର୍ ଶୁଭାରମ୍ଭ କରିଛନ୍ । ଇଥିର୍‌ଲାଗି ୩ ଲାଖ୍ ୧୭ ହଜାର୍ ଗାଁ ନ ଡ୍ରୋନ୍ ସର୍ଭେ କରାଯାଇଥିଲା । ଦେଶର୍ ୧ ଲାଖ୍ ୫୩ ହଜାର୍‌ଟା ଗାଁର୍ ଲୋକ୍‌ମାନ୍‌କୁ ଦେବାର୍‌କେ ୨ କୋଟି ୨୫ ଲାଖ୍ ସ୍ୱାମୀତ୍ୱ କାର୍ଡ଼୍ ବନାଯାଇଛେ ବଲି ସୂଚ୍‌ନା ମିଲିଛେ ।

ସିଙ୍ଗାପୁର୍ ରାଷ୍ଟ୍ରପତି-ଓଡ଼ିଶା        I&PR

ଓଡ଼ିଶା ଆର୍ ସିଙ୍ଗାପୁର୍ ଭିତ୍‌ରେ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଅକ୍ଷୟଶକ୍ତି ଗବେଷଣା, ଇଣ୍ଡିଷ୍ଟ୍ରିଆଲ୍ ପାର୍କ, ନୂଆଁ ସହର୍ ବିକାଶ୍, ଗ୍ରୀନ୍ ହାଇଡ୍ରୋଜେନ୍, ସେମିକଣ୍ଡକ୍ଟର୍ ଦକ୍ଷତା ବିକାଶ୍ ବାଗିର୍ କ୍ଷେତ୍ର ଲାଗି ୮ ଟା ଚୁକ୍ତି ସ୍ୱାକ୍ଷରିତ୍ ହେଇଯାଇଛେ । ସିଙ୍ଗାପୁର୍ ରାଷ୍ଟ୍ରପତି ଥର୍ମନ୍ ସନ୍‌ମୁଗରତ୍ନମ୍ ୨ ଦିନିଆ ଓଡ଼ିଶା ଗସ୍ତଥି ଆସ୍‌ବାର୍ ଉତ୍‌ରୁ ଦ୍ୱିପାକ୍ଷିକ ଆଲୋଚନା ସହେତେ ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ସିଙ୍ଗାପୁର୍ ରାଷ୍ଟ୍ରପତି ଓଡ଼ିଶା ପୁହୁଁଚିବାର୍ ଉତ୍‌ରୁ ଆଏଜ୍ ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ବିମାନ୍ ବନ୍ଦର୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଙ୍କୁ ସ୍ୱାଗତ୍ କରିଥିଲେ । ଗସ୍ତ ଅବ୍‌ସରେ ସିଙ୍ଗାପୁର୍ ରାଷ୍ଟ୍ରପତି

ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ଭର୍ଟିକାଲ୍ ଟ୍ରାନ୍ସପୋର୍ଟ ଲେବ୍ ଆର୍ ଟ୍ରାଭେଲେଟର୍ ଲେବ୍ ବୁଲି ଦେଖିଥିଲେ ।

ସ୍କିମାଟିକ୍ କନିଷ୍ଠ ଶିକ୍ଷକ୍ ଦର୍ମା ବୃଦ୍ଧି I&PR

ରାଜ୍ୟ ସର୍କାର୍ ଆଏଜ୍ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ୍‌ଥି ପ୍ରାଥମିକ ଆର୍ ଉଚ୍ଚପ୍ରାଥମିକ ସ୍ତର୍‌ଥି ସ୍କିମାଟିକ୍ କନିଷ୍ଠ ଶିକ୍ଷକ୍‌ମାନ୍‌କର୍ ଦର୍ମା ବଢ଼େଇଛନ୍ । ଏଛେନ୍ ୧୧ ହଜାର୍ ଶହେ ଟଙ୍କା ପାଉଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକ୍‌ମାନେ ଏଥର ୧୬ ହଜାର୍ ଟଙ୍କା ଲେଖା ଦର୍ମା ପାଏବେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଘୋଷ୍ନା କରିଛନ୍ । ଇତାର୍‌ଛଡ଼ା ସେମାନ୍‌କର୍ ଇପିଏଫ୍ ଟଙ୍କା ଭିଲ୍ ୧ହଜାର୍ ୪ ଶହ ୪୩ ନୁ ୧ ହଜାର୍ ୯ ଶହ ୫୦ ଟଙ୍କାକେ ବଢ଼ାଯାଇଛେ । ସର୍କାର୍‌ଙ୍କର୍ ଇ ନିଷ୍ପତି ଲାଗି ରାଜ୍ୟର୍ ୧୩ ହଜାର୍ ୭ ଶହ ୪୦ ଝନ୍ ସ୍କିମାଟିକ୍ କନିଷ୍ଠ ଶିକ୍ଷକ୍ ଲାଭ୍ ପାଏବେ । ଇଥିର୍ ଲାଗି ରାଜ୍ୟ ସର୍କାର୍ ୮୯ କୋଟି ୧୫ ଲାଖ୍ ଟଙ୍କା ଅଏତ୍‌କା ଖର୍ଚ୍ଚା କର୍‌ବେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

## ମୁଖ୍ୟମନ୍ତ୍ରୀ-ତୀର୍ଥଯାତ୍ରୀ ଟ୍ରେନ୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ଟ୍ରେନ୍ ଯାତ୍ରାର୍ ଶୁଭାରମ୍ଭ କରିଛନ୍ । ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍ ଠାନୁ ସିରିଡି-

ନାସିକ୍ କେ ୮ ଶହ ଝନ୍ ତୀର୍ଥଯାତ୍ରୀଙ୍କୁ ନେଇକରି ବାହାରିଥିବା ଟ୍ରେନ୍‌କେ ପତାକା ଦେଖେଇକରି ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ । ଇ ଟ୍ରେନ୍‌ଥି ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା ଆର୍ ଢେଙ୍କାନାଲ୍ ଜିଲ୍ଲାନୁ ବରିଷ୍ଠ ନାଗରିକ୍‌ମାନେ ତୀର୍ଥଯାତ୍ରାଥି ଯାଇଛନ୍ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ଇ ବଛର୍ ୧୦ ଟା ତୀର୍ଥଯାତ୍ରାଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ୮ ହଜାର୍ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରାଥି ଯିବେ । ଇ ଯୋଜ୍‌ନା ଜରିଏ ସିରିଡ଼ି, ନାସିକ, କାମାକ୍ଷା, ବାରାଣାସୀ, କୋଲ୍‌କାତାର୍ ଦକ୍ଷିଣ କାଳୀ ମନ୍ଦିର୍, ଅଯୋଧ୍ୟା ବାଗିର୍ ୧୦ ଟା ତୀର୍ଥ ଜାଗା ବୁଲ୍‌ବେ । ୬୦ ନୁ ୭୫ ବଛର୍ ବୟସର୍ ବରିଷ୍ଠ ନାଗରିକ୍‌ମାନେ ଇ ସୁବିଧା ପାଇପାର୍‌ବେ । ଅନ୍ତ୍ୟୋଦୟ, ରାସନ୍‌କାର୍ଡ଼, ମନରେଗା କାର୍ଡ଼ ବାଗିର୍ ଆର୍ଥିକ୍ ଅନଗ୍ରସର ପ୍ରମାଣପତ୍ର ଦେଇକରି ତୀର୍ଥଯାତ୍ରା ଲାଗି ଆବେଦନ୍ କରିପାର୍‌ବେ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି        I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବା ୨୦ ତାରିଖ୍ ସୋମ୍‌ବାର୍ ଦିନ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଯୌତୁକ୍ ନିଷେଧ ଆଇନ-ଉପମୁଖ୍ୟମନ୍ତ୍ରୀ I&PR

ଯୌତୁକ୍ ନିଷେଧ ଆଇନ୍- ୧୯୬୧ ଲାଗୁ ହେବାର୍ ୬୦ ବଛର୍ ଉତ୍‌ରୁ ଭିଲ୍ ଇହାଦେ ସମାଜ୍ ନ ଯୌତୁକ୍ ଦିଆନିଆ ଚାଲିଛେ ବଲି ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ହେଇଥିବା ଉପଜିଲ୍ଲାପାଲ୍ ସମ୍ମିଲନୀଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଉପଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଇ ବାବ୍‌ଦେ ଆଲୋଚନା କରିକରି ଓଡ଼ିଶାକେ ଯୌତୁକ ମୁକ୍ତ ରାଜ୍ୟ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ନିର୍ଦ୍ଦେଶ୍ ଦେଇଛନ୍ ।

ସୁଭଦ୍ରା I&PR

ରାଏଜେ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଇ ମାସ୍ ଶେଷ୍‌ତକ୍ ଦିଆଯିବା । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍, ମୋଟ୍ ୩୧ ହଜାର୍ ମହିଳା ଇ ଯୋଜ୍‌ନାନୁ ବାଦ୍ ପଡ଼ିଥିବାର୍ ବେଲେ ୧୭ ହଜାର୍ ହିତାଧିକାରୀ ଫେର୍‌ଘାଏ ଇ ଯୋଜ୍‌ନାଥି ସାମିଲ୍ ହେଇଛନ୍ । ଭିନ୍ ଭିନ୍ କାରଣ୍ ଲାଗି ବାକି ୧୪ ହଜାର୍ ହିତାଧିକାରୀ ଯୋଜ୍‌ନାଥି ସାମିଲ୍ ହେଇନାଇଁପାରି । ସେନ୍ତା ଏଛେନ୍‌ତକ୍ ୨ ଲାଖ୍‌ନୁ ଅଏତ୍‌କା କେଓ୍ୱାଇସି ଅପ୍‌ଡେଟ୍ କରିନାହାନ୍ତି । କେନ୍‌ସି ଯୋଗ୍ୟ ହିତାଧିକାରୀ ଯେନ୍ତା ଇ ଯୋଜ୍‌ନାନୁ ବାଦ୍ ନାଇଁ ପଡ଼୍‌ବେ ସେ ଦିଗେ ରାଜ୍ୟ ସର୍‌କାର୍ କାମ୍ କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ପୁସ୍ତକ୍ ମେଳା ସମ୍ବଲପୁର୍ ସମ୍ବାଦଦାତା

ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ- ଏନ୍‌ବିଟି ଆର୍ ସେତୁ ଅନୁଷ୍ଠାନ୍ ତର୍‌ଫୁ ଆଏବା କାଏଲ୍ ସମ୍ବଲ୍‌ପୁରର୍ ପିଏଚ୍‌ଡ଼ି ପଡ଼ିଆ ଠାନେ ପୁସ୍ତକ୍ ମେଳା ମୁଳ୍ ହେବା । ୯ ଦିନିଆ ପୁସ୍ତକ ମେଳାକେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କର୍‌ବାର୍

କାର୍ଯ୍ୟକ୍ରମ୍ ରହିଛେ । ମେଳାଥି ୨ ଶହ ଟା ଷ୍ଟଲ୍ ରହେବା ଆର୍ ଫିଂ ଦିନ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା ।

ସମ୍ବଲ୍‌ପୁରୀ ଧନୁଯାତ୍ରା ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଚାଲିଥିବା ସମ୍ବଲ୍‌ପୁରୀ ଧନୁଯାତ୍ରାର୍ ୩ ନମ୍ବର୍ ଦିନେ ଆଏଜ୍ ଗୋପପୁର ଠାନେ ପୁତ୍‌ନା ବଧ ଆର୍ ନନ୍ଦୋତ୍ସବ୍ ହେଇଯାଇଛେ । ଉତ୍ସବ୍ ଲାଗି ଗୋପପୁର ହେଇଥିବା ଚାଉଁର୍‌ପୁର୍ ଆଏଜ୍ ଗଜ୍‌ଗଜେଇ ଯାଇଥିଲା । ସେନ୍ତା ମଥୁରା ନଗରୀ ନ ଆଏଜ୍ ମହାରାଜ୍ କଂସ ନଗର୍ ଭ୍ରମଣ୍ କରିଥିଲେ । ସଞ୍ଜ୍‌ବେଲେ ଷଣ୍ଢାସୁରଙ୍କୁ ଗୋପପୁର ପଠାବାର୍ ସହେତେ ଅଷ୍ଟମଲ୍ଲଙ୍କର୍ ସାଙ୍ଗେ ମହାରାଜ୍ କଂସ୍‌ଙ୍କର୍ ବିଚାର୍ କାର୍ଯ୍ୟକ୍ରମ୍ ରହିଛେ ।

ସିମେଂଟ୍ କାର୍‌ଖାନା ଆର୍‌ଏନ୍‌ୟୁ/ କଟକ୍

ସୁନ୍ଦର୍‌ଗଡ୍ ଜିଲ୍ଲା ରାଜ୍‌ଗାଙ୍ଗ୍‌ପୁର୍ ସିମେଂଟ୍ କାର୍‌ଖାନା ନ କୁଇଲା ହପର୍ ଫାଟିଯିବାର୍‌ନୁ ତୁପି ହେଇଯାଇଥିବା ୩ ଝନ୍ ଶ୍ରମିକ୍‌ଙ୍କର୍ ଉଦ୍ଧାର୍ କାମ୍ ଜାରି ରହିଛେ । ଗଲାକାଏଲ୍ କାର୍‌ଖାନା ଭିତ୍‌ରେ କାମ୍ କରୁଥିବାର୍ ବେଲେ କୁଇଲା

ହପର୍ ଫାଟିଯିବାର୍‌ନୁ ଇ ଦୁର୍ଘଟଣା ଘଟିଥିଲା । ପଶ୍ଚିମାଂଚଲ୍ ଡିଆଇଜି ଆର୍ ସୁନ୍ଦର୍‌ଗଡ୍ ଏସ୍.ପି. ଘଟ୍‌ନାଜାଗାକେ ଯାଇକରି ଛାନ୍‌ଭିନ୍ କରିଥିଲେ ।

ଏଲ୍‌ସିଓ ପଞ୍ଜିକରଣ୍ ପ୍ରକ୍ରିୟା    ପି.ଆଇ.ବି.

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟ ତର୍‌ଫୁ ସ୍ଥାନୀୟ କେବୁଲ୍ ଅପରେଟର୍- ଏଲ୍‌ସିଓ ପଞ୍ଜିକରଣ୍ ପ୍ରକ୍ରିୟାକେ ସରଳ କର୍‌ବାର୍ ଲାଗି କେବୁଲ୍ ଟେଲିଭିଜନ୍ ନେଟ୍‌ୱାର୍କ ନିୟମ୍ - ୧୯୯୪ ଥି ଆଏଜ୍ ସଂଶୋଧନ୍ କରାଯାଇଛେ । ଇ ବାବ୍‌ଦେ ବିଜ୍ଞପ୍ତି ବାହାରିଛେ । ଆଏଜ୍‌ଠାନୁ ଏଲ୍‌ସିଓ ପଞ୍ଜିକରଣ୍ ପୁରାପୁରି ଅନ୍‌ଲାଇନ୍‌ଥି ହେବା ଆର୍ ମନ୍ତ୍ରଣାଲୟ ପଞ୍ଜିକରଣ୍ କର୍ତୃପକ୍ଷଙ୍କର୍ ଠାନେ କରାଯିବା ।

ମଡ଼ିଆ ମଣ୍ଡି ଉଦ୍‌ଘାଟିତ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ବୀରନରସିଂହପୁର୍ ମାର୍କେଟୟାର୍ଡ଼ଠାନେ ଗୁଟେ ମଡ଼ିଆ ମଣ୍ଡି ଉଦ୍‌ଘାଟିତ୍ ହେଇଛେ । ଶ୍ରୀଅନ୍ନ ଅଭିଯାନ୍, ଆଦର୍ଶକୃଷି ଉତ୍ପାଦକ କମ୍ପାନୀ ତର୍‌ଫୁ ଇ ମଣ୍ଡି ଉଦ୍‌ଘାଟିତ୍ ହେଇଛେ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ବ୍ଲକ୍ ଉପାଧ୍ୟକ୍ଷ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ଆଏଜ୍ ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ମହିଲା ବର୍ଗଥି ଦିଲ୍ଲୀ ଏସ୍.ଜି. ପାଇପର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ସୁନ୍ଦର୍‌ଗଡ୍, କଲାହାଣ୍ଡି, କନ୍ଧମାଲ୍, କୋରାପୁଟ ନ ଘନାକୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ରାଜ୍ୟର୍ ବାକି ଜିଲ୍ଲା ମାନ୍‌କେ ଭିଲ୍ କୁହୁଡ଼ି ହେବା । ଆଏବା ୪ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର କହିଛେ ।

ଗଲାକାଏଲ୍ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ଫୁଲ୍ବାଣୀ ନ
୮ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ ।